## ପୂର୍ବତନ ଟ୍ରଷ୍ଟି, ବନ୍ଦର କର୍ମଚାରୀଙ୍କ ସଂଘ ପରିବର୍ତ୍ତନ

ପାରାଦୀପ,(ସ୍ୱ.ପ୍ର.): ପାରାଦୀପ ବନ୍ଦର କର୍ମଚାରୀ ଓ ପୂର୍ବତନ ଲେବରଟ୍ରଷ୍ଟି ପରେଶ ମୁର୍ମୁ ପୁରୁଣା ସଂଘ ଛାଡି ଅନ୍ୟ ଏକ ସଂଘରେ ସାମିଲ ହୋଇଛନ୍ତି। ଏନେଇ ନୂଆବଜାରସ୍ଥ ଅଟଳବିହାରୀ ବାଜପେୟୀ ଟ୍ରଷ୍ଟ ପରିସରରେ ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ରେଗୁଲାର କର୍ମଚାରୀ ନୂତନ ପାରାଦୀପ ମଜଦୂର ସଂଘରେ ମିଶିଥିଲେ। ସେମାନଙ୍କୁ ଭାଜପା ଯୁବନେତା ସମ୍ପଦ ସ୍ୱାଇଁ ସ୍ୱାଗତ କରିଥିଲେ।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ହତ୍ୟା ଅଭିଯୋଗ

ବାଲିକୁଦା,୨୩।୮(ସ୍ୱ.ପ୍ର.): ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅଧୀନ ବ୍ରାହ୍ମଣ୍ଡି ଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରମେଶ ସାହୁଙ୍କୁ ହତ୍ୟା କରାଯାଇଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ଆଧାରରେ ମାମଲା (ନଂ-୧୮୫/୨୦) ରୁଜୁ କରିବା ସହ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅନନ୍ତପୁର ଫାଣ୍ଡି ଅଧିକାରୀ ଯୋଗେନ୍ଦ୍ର ଚୌଧୁରୀ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ଏହାର ଖୋଳତାଡ ଆରମ୍ଭ କରିଛନ୍ତି। ସୂଚନା ଅନୁସାରେ, ବ୍ରାହ୍ମଣ୍ଡି ଗାଁର ରବି ବେହେରାଙ୍କ ପରିବାର ସହିତ ରମେଶ ସାହୁଙ୍କ ପରିବାର ମଧରେ ଦୀର୍ଘ ଦିନ ହେବ ଶତ୍ରୁତା ଲାଗି ରହିଥିଲା। ଶନିବାର ସନ୍ଧ୍ୟାରେ ଘରଠାରୁ କିଛି ଦୂର ତେନ୍ତୁଳିବେଲାରୀ ଗାଁ ନିକଟରେ ରମେଶଙ୍କ ଦୁଇ ପୁଅ କଥା ହେଉଥିଲେ। ଏହି ସମୟରେ ରବି ବେହେରା, ରମେଶ ବେହେରା, ରାଜେଶ ବେହେରା, ପରେଶ ବେହେରା, ସୁଦର୍ଶନ ବେହେରା ଆସି ଆମକୁ କାହିଁକି ଗାଳି କରୁଥିଲ କହି ଆକ୍ରମଣ କରିଥିଲେ। ମାଡ ଖାଇ ଦୁଇ ଭାଇ ବୁଲୁ ଓ କୁଲୁ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ମାତ୍ର କୁଲୁ କିଛି ବାଟ ଯାଇ ଘରକୁ ଫୋନ କରିଥିଲେ। ପୁଅ ମାଡ ଖାଇଥିବା ଶୁଣି ବାପା ରମେଶ ଆସିଥିଲେ। ରମେଶଙ୍କୁ ମଧ ଏମାନେ ଆକ୍ରମଣ କରିଥିଲେ। ଏହାପରେ ଅର୍ଥାତ ରାତି ପ୍ରାୟ ୧୦ଟାରେ ରମେଶ ଘର ପଖ ଏକ ଗଛରେ ଝୁଲୁଥିବା ତାଙ୍କ ପରିବାର ଦେଖିବାକୁ ପାଇଥିଲେ। ଯାହାକି ବେହେରା ପରିବାର ରାଗ ରଖି ରମେଶଙ୍କୁ ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ତାଙ୍କ ୨ ପୁଅ ଅଭିଯୋଗ କରିଥିଲେ।

### ଏଡିଏମ୍ ଅଫିସ ସ୍ଥାନାନ୍ତର ଦାବି

କଳିଙ୍ଗନଗର, ୨୩।୮ (ଡି.ଏନ୍.ଏ.): ବିସ୍ଥାପିତ ଆଦିବାସୀ ଦଳିତ ପରିବାରର ସୁବିଧା ଅସୁବିଧା ବୁଝିବା ଏବଂ ପ୍ରଶାସନକୁ ଲୋକଙ୍କ ନିକଟତର କରିବା ପାଇଁ ୨୦୦୭ରେ କଳିଙ୍ଗନଗରର ପଙ୍କପାଳ ନିକଟରେ ସ୍ୱତନ୍ତ୍ର ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟ ନିର୍ମାଣ କରାଯାଇଥିଲା। କିନ୍ତୁ ଏଡିଏମ୍ ଅଫିସ ଏବେ ମଧ ପଙ୍କପାଳଠାରୁ ୨୫ କିମି ଦୂର ଯାଜପୁର ରୋଡ୍‌ଠାରେ କାର୍ଯ୍ୟ କରୁଛି। ଏଣୁ କୌଣସି କାର୍ଯ୍ୟ ପଡ଼ିଲେ କଳିଙ୍ଗନଗର ଅଞ୍ଚଳର ଲୋକମାନଙ୍କୁ ୨୫ କି.ମି. ଦୂର ଯିବାକୁ ପଡୁଛି। ଏଣୁ ସ୍ଥାନୀୟ ଲୋକମାନଙ୍କ ଆବଶ୍ୟକତା ଏବଂ ଶିଳ୍ପାନୁଷ୍ଠାନଗୁଡିକର କାର୍ଯ୍ୟ ତଦାରଖ କରିବା ପାଇଁ ସ୍ଥାପନ ହୋଇଥିବା କଳିଙ୍ଗନଗର ଏଡିଏମ୍ ଅଫିସର ଭୂମିକା ଗୌଣ ପରି ମନେହେଉଛି। ଏସବୁକୁ ଦୃଷ୍ଟିରେ ରଖି ଅତିରିକ୍ତ ଜିଲାପାଳ (କଳିଙ୍ଗନଗର) କାର୍ଯ୍ୟାଳୟକୁ ତୁରନ୍ତ ସ୍ଥାନାନ୍ତର କରିବା ଲାଗି କଳିଙ୍ଗନଗର ମଜଦୁର ୟୁନିୟନ ସଂଘର ସାଧାରଣ ସମ୍ପାଦକ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ସଂଖ୍ୟା ୧୩୦/୨୦ରେ ଜଣାଇଛନ୍ତି।

# ଫଇଲରେ ସୀମିତ ୨୦ ନମ୍ବର ଜାତୀୟ ରାଜପଥ

ଯାଜପୁର ଅଫିସ,୨୩।୮




■ ପ୍ରସ୍ତୁତ ହୋଇପାରନି ଡିପିଆର

■ ପ୍ରକଳ୍ପ ରୂପରେଖକୁ ମେ ମାସରେ ମିଳିଛି ମଞ୍ଜୁରୀ

ଉତ୍ତମ ଏବଂ ନିରାପଦ ଗମନାଗମନ ପାଇଁ କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଯାଜପୁର ଜିଲା ଦେଇ ଏକ ନୂତନ ଜାତୀୟ ରାଜପଥ(ଏନ୍‌ଏଚ୍)ର ପରିକଳ୍ପନା କରାଯାଇଛି। ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ସଂଯୋଗ କରୁଥିବା କୁଆଖିଆଠାରୁ ଭାୟା ଯାଜପୁର, ଆରଡି, ଚାନ୍ଦବାଲି ହୋଇ ସାତଭାୟା ପର୍ଯ୍ୟନ୍ତ ୨୦ ନମ୍ବର ଏନ୍‌ଏଚ୍ ନାମରେ ଏହି ପ୍ରକଳ୍ପକୁ ମଞ୍ଜୁରୀ ମଧ ମିଳିସାରିଛି। କିନ୍ତୁ ସମସ୍ତ ପ୍ରକାର ଆୟୋଜନ କେବଳ ଫଇଲରେ ସୀମିତ ରହିଛି। ଫଳରେ ସଂପୃକ୍ତ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇ ଶୀଘ୍ର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ଦାବି ହୋଇଛି।

୨୦୧୫ ସେପ୍ଟେମ୍ବର ୧୭ରେ ୨୦ ନମ୍ବର ଏନ୍‌ଏଚ୍ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କୁଆଖିଆଠାରୁ ସମୁଦାୟ ୧୩୯ କିମି ବିଶିଷ୍ଟ ଏହି ଜାତୀୟ ରାଜପଥ ପ୍ରକଳ୍ପର ଡିଟେଲ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର) ପ୍ରସ୍ତୁତ ପାଇଁ ଇଜିସ୍ ଇଣ୍ଡିଆ କନ୍‌ସଲ୍‌ଟିଂ ଇଞ୍ଜିନିୟର୍ସ ପ୍ରାଇଭେଟ୍ ଲିମିଟେଡ୍‌କୁ ଦାୟିତ୍ୱ ଦିଆଯାଇଛି। କେବଳ ଡିପିଆର ପ୍ରସ୍ତୁତି ପାଇଁ ୪ କୋଟି ୬୮ ଲକ୍ଷ ୮୩ ହଜାର ୨୨୮ ଟଙ୍କା ବ୍ୟୟବରାଦ ହୋଇଛି। କଟକ ଜାତୀୟ ରାଜପଥ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ୨୦ ନଂ. ଏନ୍‌ଏଚ୍ (କୁଆଖିଆ-ସାତଭାୟା ସେକ୍ସନ) ପ୍ରକଳ୍ପର ଡିପିଆର କାର୍ଯ୍ୟ ଚାଲିଛି। କିନ୍ତୁ ପ୍ରକଳ୍ପର ରୂପରେଖକୁ ଗତ ମେ ୧୫ରେ ମନ୍ତ୍ରଣାଳୟ ପକ୍ଷରୁ ମଞ୍ଜୁରୀ ମିଳିସାରିଛି। ତେବେ ମନ୍ତ୍ରଣାଳୟ ଦ୍ୱାରା ଚୂଡ଼ାନ୍ତ ଡିପିଆରକୁ ମଞ୍ଜୁରୀ ମିଳିବା ପରେ ଏନ୍‌ଏଚ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଆରଟିଆଇ ରିପୋର୍ଟରେ ଦର୍ଶାଯାଇଛି।

ସୂଚନାଥାଉ କି, ଜାତୀୟ ରାଜପଥ ଭାବେ ନିର୍ମାଣ ହେବାକୁ ଥିବା ଉକ୍ତ ରାସ୍ତା ଦେଇ ଦୈନିକ ବହୁସଂଖ୍ୟକ ଗାଡ଼ି ଯାତାୟାତ କରୁଛି। ବିଶେଷକରି ୧୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଏହି ରାସ୍ତା ବିରଜାକ୍ଷେତ୍ର, ଆରଡି, ଚାନ୍ଦବାଲି ଓ ରାଜକନିକାକୁ ଛୁଇଁବ। ଏହି ରାସ୍ତା ସମ୍ପୂର୍ଣ୍ଣ ହେଲେ ବିରଜାମନ୍ଦିର ସହ ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀକୁ ଯା'ଆସ ସହଜ ହୋଇପାରିବ। ଏହାକୁ ଦୃଷ୍ଟିରେ ରଖି କୁଆଖିଆ, ଯାଜପୁର ଓ ଆରଡି ଅଞ୍ଚଳରେ ନୂତନ ବାଇପାସ ନିର୍ମାଣ ପାଇଁ ୨୦୧୭ ଅଗଷ୍ଟରେ ଜିଲାପାଳଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଏହି ବୈଠକକୁ ଇତିମଧରେ ୩ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲାବେଳେ ଏଯାଏ ଡିପିଆର ପ୍ରସ୍ତୁତ ହୋଇପାରିନାହିଁ। ତେଣୁ ପ୍ରକଳ୍ପ ନିର୍ମାଣ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏପରି କି କେନ୍ଦ୍ର ସରକାର ଏନେଇ ଭୁଲିଯାଇଥିବା ଭଳି ମନେହେଉଛି।

ଯାଜପୁର ଜିଲାପାଳ ରଞ୍ଜନକୁମାର ଦାସଙ୍କୁ ଡିପିଆର ସଂକ୍ରାନ୍ତରେ ପଚାରିବାରେ ସେ କହିଛନ୍ତି, ଠିକ ତଥ୍ୟ ଜଣାପଡ଼ିନାହିଁ। କିନ୍ତୁ ନିକଟରେ ବିଭାଗୀୟ କେତେଜଣ ଅଧିକାରୀ ଆସି ସର୍ଭେ ଓ ଆଲୋଚନା କରି ଫେରି ଯାଇଛନ୍ତି। ଖୁବ୍‌ଶୀଘ୍ର ପ୍ରକଳ୍ପ ପାଇଁ ବ୍ୟୟ ଅଟକଳ ପ୍ରସ୍ତୁତି ସରିବ ଏବଂ ତାହାର ମଞ୍ଜୁରୀ ମିଳିବ ବୋଲି ସୂଚନା ମିଳିଛି। ଏହି ବାବଦରେ ସେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ଜିଲାପାଳ ଦାସ କହିଛନ୍ତି।

ସୂଚନାଥାଉ କି ଆଉ କେତେକ ରାସ୍ତା ପ୍ରକଳ୍ପ ମଧ କେବଳ ପରିକଳ୍ପନାରେ ସୀମିତ ରହିଛି। ସେଗୁଡ଼ିକ ହେଲା ୧୩୦ କିମି ବିଶିଷ୍ଟ ବଲାଙ୍ଗୀର-ପାଟଣାଗଡ଼-ହରିଶଙ୍କର-ନୃସିଂହନାଥ-ପାଇକମାଳ-ନୂଆପଡ଼ା ପ୍ରକଳ୍ପ, ୧୦୦ କିମି ବିଶିଷ୍ଟ କେନ୍ଦୁଝର ନାରାୟଣପୁର-କାଳିଆହାଟ-କଙ୍କଡାହାଡ଼-କାମାକ୍ଷାନଗର ପ୍ରକଳ୍ପ, ୧୧୦ କିମି ବିଶିଷ୍ଟ କେନ୍ଦ୍ରାପଡା ନିକଟରୁ ଚାନ୍ଦବାଲି-ଧାମରା ଜଙ୍କସନ ପ୍ରକଳ୍ପ, ୨୦୭ କିମି ବିଶିଷ୍ଟ ଆନ୍ଧ୍ରପ୍ରଦେଶ ଓ ଓଡିଶା ସୀମାନ୍ତ ପାରଳାଖେମୁଣ୍ଡି-ରାମନଗୁଣ୍ଡମ୍-ବିଶମକଟକ-ମୁନିଗୁଡା-ଭବାନୀପାଟଣା ପ୍ରକଳ୍ପ ଏବଂ ୨୦୬ କିମି ବିଶିଷ୍ଟ ଭବାନୀପାଟଣା-ଖରିଆର-ବଙ୍ଗୋମୁଣ୍ଡା-ପାଟଣାଗଡ଼ ପ୍ରକଳ୍ପ।

# ଯାଜପୁରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୭୦୦

ଯାଜପୁର ଅଫିସ/ କୋରେଇ(ସ୍ୱ.ପ୍ର.),୨୩।୮

■ ରବିବାର ୧୨୧ ଚିହ୍ନଟ

■ ରଗଡ଼ି ଜେଲ୍ ଆଇସୋଲେଶନରେ ରହିଲେ ୧୧୨ ଅନ୍ତେବାସୀ

ଯାଜପୁର ଜିଲାରେ ରବିବାର ପୁଣି ୧୨୧ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାର ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୭୦୦ ହେବା ସହ ରାଜ୍ୟରେ ୭ମ ସ୍ଥାନରେ ରହିଛି। ମୋଟ ସଂକ୍ରମିତଙ୍କ ମଧ୍ୟରୁ ୧୯୮୧ଜଣ ଆରୋଗ୍ୟ ହୋଇସାରିଥିବାବେଳେ ୪ଜଣଙ୍କ ମୃତ୍ୟୁ ଘଟିଛି। ରବିବାର ଚିହ୍ନଟ ଆକ୍ରାନ୍ତଙ୍କ ମଧରେ କୋରେଇ ବ୍ଲକର ୧୮, ବରୀର ୧୧, ରସୁଲପୁରର ୧୮, ଦଶରଥପୁରର ୨୩, ବିଞ୍ଝାରପୁରର ୪, ବଡ଼ଚଣାର ୫, ଯାଜପୁରର ୧୫, ଧର୍ମଶାଳାର ୧୦, ସୁକିନ୍ଦାର ୬, ବ୍ୟାସନଗର ପୌରାଞ୍ଚଳର ୩, ଯାଜପୁର ପୌରାଞ୍ଚଳର ୨ ଓ ଭଦ୍ରକ ଜିଲାର ୨ ଜଣ ରହିଛନ୍ତି। ଅନ୍ୟ ୪ ଜଣଙ୍କ ସଂକ୍ରାନ୍ତରେ ଜଣାପଡ଼ିନାହିଁ। ଅନ୍ୟପକ୍ଷରେ ରଗଡି ଜେଲ୍‌ରେ ଶନିବାର ଆଣ୍ଟିଜେନ ଟେଷ୍ଟରେ ୧୧୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ଗତ ଦୁଇ ଦିନ ମଧରେ କର୍ମଚାରୀ ଓ ଅନ୍ତେବାସୀଙ୍କୁ ମିଶାଇ ୨୩୫ ଜଣଙ୍କ ଆଣ୍ଟିଜେନ ପରୀକ୍ଷା କରାଯାଇଥିଲା। ସଂକ୍ରମିତ ବ୍ୟକ୍ତିମାନଙ୍କୁ ଜେଲ୍ ମଧରେ ଆଇସୋଲେଶନରେ ରଖାଯାଇଛି ବୋଲି କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ହିମାଂଶୁ କୁମାର ସୂଚନା ଦେଇଥିଲେ।

## ଜଗତ୍‌ସିଂହପୁରରେ ପୁଣି ୪୬ ପଜିଟିଭ୍

ଜଗତ୍‌ସିଂହପୁର ଅଫିସ, ୨୩।୮

ଜଗତ୍‌ସିଂହପୁର ଜିଲାରେ ପୁଣି ୪୬ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ସଂକ୍ରମିତ ସଂଖ୍ୟା ୧୩୨୭ରେ ପହଞ୍ଚିଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସୂଚନା ଅନୁଯାୟୀ ନୂଆ ୪୬ ପଜିଟିଭ୍‌ଙ୍କ ମଧ୍ୟରୁ ବାଲିକୁଦାରୁ ୧, ବିରିଡ଼ି ୩, ଏରସମା ୨, ଜଗତ୍‌ସିଂହପୁର ୩, କୁଜଙ୍ଗ ୧୩, ନାଉଗାଁ ୪, ରଘୁନାଥପୁର ୯, ତିର୍ତ୍ତୋଲ ୧, ପାରାଦୀପ ୮ ଓ ଜଗତ୍‌ସିଂହପୁର ପୌର ପରିଷଦ ଅଞ୍ଚଳରୁ ୨ ଜଣ ଚିହ୍ନଟ ହୋଇଛନ୍ତି। ୨୨ ତାରିଖରେ ଜିଲାରୁ ୪୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ।

# ଦିବ୍ୟାଙ୍ଗ ଦୁଇଭାଇ ଶଯ୍ୟାଶାୟୀ

## ଦାଉ ସାଧୁଛି ଅଜଣା ରୋଗ

ନୟାଗଡ଼ ଅଫିସ,୨୩।୮

ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ପଞ୍ଚାୟତ ନୀଳକଣ୍ଠପ୍ରସାଦ ଗ୍ରାମର ଦୁଇଭାଇଙ୍କ ପାଇଁ ଅଜଣା ରୋଗ ଦାଉ ସାଧୁଛି। ପ୍ରାୟ ୬ବର୍ଷ ହେଲା ସେମାନେ ଶଯ୍ୟାଶାୟୀ ହୋଇ ଅଭିଶପ୍ତ ଜୀବନ ବିତାଉଛନ୍ତି। ଦାରିଦ୍ର୍ୟ ବାଧକ ସାଜିଥିବାରୁ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି। ଦୁଇ ପୁଅକୁ ଭଲ କରିବା ପାଇଁ ମା'ବାପା ଧାର କରଜ କରି ବିଭିନ୍ନ ସ୍ଥାନକୁ ଯାଇ ଡାକ୍ତରଙ୍କୁ ଦେଖାଇଥିଲେ ମଧ ସୁଫଳ ମିଳିନାହିଁ।

ଗ୍ରାମର ଫକୀର ବିଶ୍ୱାଳ ଜଣେ ଦିନ ମଜୁରିଆ। ଦୁଇପୁଅ ଓ ସ୍ତ୍ରୀଙ୍କୁ ନେଇ ତାଙ୍କ ସଂସାର। ଯାହା ରୋଜଗାର ହୁଏ ସେଥିରେ ଭଲରେ ଚଳୁଥିଲେ। ବଡପୁଅ ରାଜା ୫ମ ଶ୍ରେଣୀରେ ପଢୁଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡିଲେ। ଏପରି କି ଯିବାଆସିବା କରିବା ତାଙ୍କ ପାଇଁ କଷ୍ଟକର ହୋଇପଡିଲା। ଫକୀର ତାଙ୍କୁ କଟକ, ଭୁବନେଶ୍ୱର ନେଇ ଡାକ୍ତରଙ୍କୁ ଦେଖାଇଥିଲେ ମଧ ସୁଫଳ ମିଳି ନ ଥିଲା। ଡାକ୍ତର କହିଥିଲେ ଏପରି ରୋଗ ସାନ ପୁଅକୁ ହୋଇପାରେ। ଏଣୁ ମା'ବାପା ଦୁଇ ଭାଇଙ୍କୁ ନେଇ ବାଙ୍ଗାଲୋର ଓ ପରେ ରାଜସ୍ଥାନ ଗଲେ। ସେଠାରେ ବଡପୁଅକୁ ଦେଖାଇଲେ। ହେଲେ ସେ ଭଲ ହେବ ନାହିଁ ବୋଲି ଡାକ୍ତରମାନେ କହିଥିଲେ। ସାନ ପୁଅକୁ ଦେଖାଇବା ପରେ ଡାକ୍ତର ଆଉ ରୋଗ ହେବନି ବୋଲି କହିଥିଲେ। ଘରକୁ ଫେରିବା ପରେ ବଡ ପୁଅ ଆଉ ଚାଲିପାରିଲେ ନାହିଁ। ଶଯ୍ୟାଶାୟୀ ହୋଇପଡିବାରୁ ସେ ନବମ ଶ୍ରେଣୀରେ ପାଠ ଛାଡିଦେଲେ। କିଛିମାସ ପରେ ତୃତୀୟରେ ପଢୁଥିବା ସାନ ପୁଅ ନିରଞ୍ଜନ ବଡଭାଇ ପରି ରୋଗାକ୍ରାନ୍ତ ହୋଇଗଲେ। ପରିବାର ଲୋକେ ଚିକତ୍ସା କରାଇଥିଲେ ମଧ ସୁଫଳ ମିଳିଲାନି। ଦୁଇଟି ପୁଅ ପାଇ ଖୁସିରେ ଥିବା ଦମ୍ପତି ଏବେ ଭାଙ୍ଗି ପଡିଛନ୍ତି। ଫକୀରଙ୍କ ସ୍ତ୍ରୀ ଝୁନୁ ବିଶ୍ୱାଳ କୁହନ୍ତି, ୧୮ ଓ ୧୫ବର୍ଷର ଦୁଇପୁଅଙ୍କ ଚିନ୍ତାରେ ଆମେ ଘାରିହେଉଛୁ। ରହିବାକୁ ଭଲ ଘରଟିଏ ନାହିଁ। ଦୁଇ ପୁଅଙ୍କ ସେବା ଯୋଗୁ ସ୍ୱାମୀ ସବୁବେଳେ କାମ କରିବାକୁ ଯାଇପାରୁ ନାହାନ୍ତି। ଭତ୍ତା ଟଙ୍କା ଓ ରାଶନ ଚାଉଳରେ ପରିବାର କଷ୍ଟମଷ୍ଟେ ଚଳିଯାଉଛି। ଧାରକରଜ ଶୁଝିପାରୁ ନାହୁଁ। ସରକାରୀ ଓ ବେସରକାରୀ ସ୍ତରରେ ସହାୟତା ମିଳିଲେ ପିଲା ଦୁଇଟିଙ୍କ ଚିକିତ୍ସା କରାଇପାରନ୍ତୁ। ଦୁଇଭାଇ ସ୍କୁଲରେ ପାଠପଢ଼ା, ଖେଳକୁଦ କଥା ମନେ ପକାଇ କାନ୍ଦିପକାଇଥିଲେ। ସରକାର ଚିକିତ୍ସା ବ୍ୟବସ୍ଥା କରାଇବାକୁ ସେମାନେ ଅନୁରୋଧ କରିଥିଲେ।



ମା'ଙ୍କ ସହ ଦୁଇ ଭାଇ।

# ମାଧପୁର ସଫେଇରେ ଜଳ ନିଷ୍କାସନ ସମସ୍ୟା

ରଘୁନାଥପୁର,୨୩।୮(ଡି.ଏନ.ଏ.)

## ୧୦ ଦିନ ହେଲା ବୁଡ଼ି ରହିଛି ଚାଷ ଜମି

ରଘୁନାଥପୁର ବ୍ଲକ ରାଢ଼ଙ୍ଗ ପଞ୍ଚାୟତ ଅଧୀନ ୫ଟି ଗ୍ରାମର ଶତାଧିକ ହେକ୍ଟର ଚାଷଜମି ୧୦ ଦିନ ହେଲା ବର୍ଷା ପାଣିରେ ବୁଡ଼ି ରହିଛି। ଜଳ ନିଷ୍କାସନ ସମସ୍ୟା ସମାଧାନ ହୋଇ ପାରୁ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁସାରେ, ଜଗତ୍‌ସିଂହପୁର ବଡ଼ବାଗରୁ ବାହାରିଥିବା ମାଧପୁର ସଫେଇ ଦେଇ ଏହି ଅଞ୍ଚଳର ବର୍ଷା ପାଣି ନାଳିବରଠାରେ ହଂସୁଆରେ ନିଷ୍କାସିତ ହୋଇଥାଏ। ଉକ୍ତ ସଫେଇକୁ ଠିକ ଭାବେ ସଫା କରା ନ ଯିବାରୁ ଚାଷଜମିରୁ ପାଣି ବାହାରି ପାରୁନାହିଁ। ଅନ୍ୟପକ୍ଷରେ ହଂସୁଆ ସଫେଇରେ ପାଣି ନିଷ୍କାସନରେ ସମସ୍ୟା ସୃଷ୍ଟି ହେଲେ ରାଢଙ୍ଗ ଅଞ୍ଚଳ ପାଣି ନିଷ୍କାସନ ହୋଇପାରେ ନାହିଁ। ୧୩ ଓ ୧୯ ତାରିଖ ଲଘୁଚାପଜନିତ ବର୍ଷାରେ ଧାନ ଫସଲ ନଷ୍ଟ ହେବାକୁ ବସିଥିବାବେଳେ ଆଗାମୀ ଲଘୁଚାପ ବର୍ଷାରେ ଚାଷୀଙ୍କ ଆହାର ଚାଲିଯିବ ବୋଲି ନବନିର୍ମାଣ କୃଷକ ସଙ୍ଗଠନ କର୍ମକର୍ତ୍ତା ଦେବୀପ୍ରସାଦ ମହାରଣା କହିଛନ୍ତି। ସମସ୍ୟା ସମ୍ପର୍କରେ ଜଳସମ୍ପଦ ମନ୍ତ୍ରୀଙ୍କୁ ଭେଟି ଅଭିଯୋଗ କରିବା ପରେ ସମସ୍ୟା ସମାଧାନ ହୋଇଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ମହାରଣା ପ୍ରକାଶ କରିଛନ୍ତି। ତେବେ ସମସ୍ୟା ପ୍ରତି ପ୍ରଶାସନ ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚାଷୀ ବିପିନ ପାଲ, ପ୍ରତାପ ନାୟକ ଓ ଦୀପ୍ତିରଞ୍ଜନ ପଣ୍ଡା ପ୍ରମୁଖ ଜିଲାପାଳ, ସଚିବ ଓ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ଡ୍ରେନେଜ ବିଭାଗ ଏସଡିଓ ରାମପ୍ରସାଦ ରାଓ କୁହନ୍ତି, ଚଳିତ ବର୍ଷ ହଂସୁଆ ଓ ମାଧପୁର ସଫେଇ ପାଇଁ ପ୍ରୋଜେକ୍ଟ ଫାଇନାଲ ସରିଛି। ଦୁଇ ବର୍ଷ ମଧରେ ଚାଷୀଙ୍କ ସମସ୍ୟା ସମାଧାନ ହୋଇଯିବ।



ବର୍ଷା ପାଣିରେ ବୁଡ଼ି ରହିଛି ଚାଷ ଜମି।

# ୨ ପଞ୍ଚାୟତବାସୀଙ୍କ ଜୀବନଜୀବିକା ପ୍ରଭାବିତ

କେନ୍ଦ୍ରାପଡ଼ା ଅଫିସ, ୨୩।୮

## ସରୁନି ସିହୋପଡ଼ା-ବାମଣ୍ଡା ରାସ୍ତା ନିର୍ମାଣ

■ ୨୦୦୩ରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି

■ ୮ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭରଶୀଳ

■ ରାସ୍ତା ଦାୟିତ୍ୱ ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ହସ୍ତାନ୍ତର ହୋଇନାହିଁ

ଜିଲାରେ ପ୍ରବାହିତ ଖରସ୍ରୋତା ନଦୀର ବନ୍ୟାଜଳ ରାଜକନିକା ବ୍ଲକର ବିଭିନ୍ନ ଅଞ୍ଚଳକୁ ବିଚ୍ଛିନ୍ନ କରିଛି। ବ୍ଲକ ଅନ୍ତର୍ଗତ ସିହୋପଡା ଓ ଦୋବନ୍ଧା ପଞ୍ଚାୟତର ବାମଣ୍ଡା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୨୦୦୩ରୁ ଉଭୟ ପଞ୍ଚାୟତବାସୀ ଦାବି କରୁଛନ୍ତି। ମାତ୍ର ଦେଢ଼ କିଲୋମିଟର ଲମ୍ବର ଏହି ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ୨ ପଞ୍ଚାୟତର ୮ ହଜାରରୁ ଊର୍ଦ୍ଧ୍ୱ ଅଧିବାସୀଙ୍କ ଜୀବନଜୀବିକା ପ୍ରଭାବିତ ହୋଇଛି।

ଯାଜପୁର ଓ ଭଦ୍ରକ ଜିଲାର ସୀମାନ୍ତ ଅଞ୍ଚଳ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକର ପେଟା ନାଳ ନିକଟରେ ରହିଛି କନପୁର ଗାଁ। ଗ୍ରାମକୁ ପେଗରପଡ଼ାଠାରୁ ଏକ ମୁଖ୍ୟ ରାସ୍ତା ରହିଛି। ସେହିପରି ବାମଣ୍ଡାଠାରୁ ପିଡବ୍ଲ୍ୟୁଡି ରାସ୍ତା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ହୋଇଛି। ଏହି ୨ ରାସ୍ତାକୁ ସଂଯୋଗ କରୁଥିବା ସିହୋପଡା ବାମଣ୍ଡା ପ୍ୟାକେଜ ନଂ. ଓଆର ୧୬ (୧)ର ନିର୍ମାଣ ଦୀର୍ଘଦିନ ଧରି ହୋଇପାରୁନାହିଁ। ଏ ସମ୍ପର୍କରେ ବାମଣ୍ଡା ଗ୍ରାମର ଦିଲୀପ ନାୟକ କୁହନ୍ତି, ରାସ୍ତା ଉପରେ ୨ ପଞ୍ଚାୟତର ପ୍ରାୟ ୯ଟି ଗ୍ରାମ ନିର୍ଭର କରିଥାନ୍ତି। ଖରାଦିନେ ବାହାରକୁ ଯିବାକୁ ହେଲେ ସାଇକେଲକୁ କାନ୍ଧରେ ବୋହି ଦେଢ଼ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ପଡ଼େ। ଜରୁରିକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗ ଗାଡିକୁ ପ୍ରାୟ ୧୬ କିଲୋମିଟର ଅଧିକ ବୁଲିବାକୁ ପଡୁଛି। ଗ୍ରାମର ଦୁଃଶାସନ ନାୟକଙ୍କ କହିବାନୁସାରେ, ବ୍ଲକ ଏଠାରୁ ମାତ୍ର ୧୨ କିଲୋମିଟର ଦୂରରେ ରହିଛି। କିନ୍ତୁ ସିହୋପଡ଼ା-ବାମଣ୍ଡା ରାସ୍ତାର ନିର୍ମାଣ କାର୍ଯ୍ୟ ସରୁ ନ ଥିବାରୁ ଅସୁବିଧା ଭୋଗିବାକୁ ପଡୁଛି। ୨୦୦୩ରୁ ରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲେ ମଧ ଅଦ୍ୟାବଧି ଶେଷ ହୋଇନାହିଁ। ଫଳରେ ବର୍ଷାଦିନେ ରାସ୍ତା ଉପରେ କାଦୁଅ ଜମୁଥିବା ବେଳେ ଖରାଦିନେ ଖାଲ ଢ଼ିପ ଯୋଗୁ ଯାତାୟାତ କଷ୍ଟକର ହୋଇପଡୁଛି। ସିହୋପଡା ସରପଞ୍ଚ ମୀନକେତନ ମହାପାତ୍ର କୁହନ୍ତି, ୨ ପଞ୍ଚାୟତବାସୀଙ୍କ ପାଇଁ ଏହି ସଂଯୋଗୀ ରାସ୍ତା ଗୁରୁତ୍ୱ ବହନ କରେ। ଏହାର ନିର୍ମାଣ ଶେଷ କରିବାକୁ ୨୦୧୬ରେ ପଞ୍ଚାୟତବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏହାପରେ ତତ୍କାଳୀନ ଜିଲାପାଳ ଦେବରାଜ ସେନାପତି ଏହି ଅଞ୍ଚଳ ଗସ୍ତ କରି ରାସ୍ତାକୁ ପଞ୍ଚାୟତ ଅଧୀନରୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବ୍ଲକ ପ୍ରଶାସନ ଏଥିପ୍ରତି ତତ୍ପରତା ଦେଖାଉ ନ ଥିବାରୁ ଏପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରିନାହିଁ। ଏନେଇ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବାମଣ୍ଡା ଗ୍ରାମର ରମେଶ ଚନ୍ଦ୍ର ନାୟକଙ୍କ କହିବାନୁସାରେ, ଭଲ ରାସ୍ତା ନ ଥିବାରୁ ଶିକ୍ଷା, ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ବିଦ୍ୟୁତ୍ ଆଦି ପଞ୍ଚାୟତବାସୀଙ୍କୁ ଉପଲବ୍ଧ ହେଉନାହିଁ। ବର୍ଷାଦିନେ ଜିଲା ସଦରକୁ ଯାଇ ଘରକୁ ଗୋଟିଏ ଦିନରେ ଫେରିବା ମୁସକିଲ ହୋଇପଡୁଛି। ରୋଗୀଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇ ହେଉନାହିଁ।

ଏ ସମ୍ପର୍କରେ ବିଡିଓ ବିକ୍ରମ କୁମାର ପରିଡା କୁହନ୍ତି, ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ହସ୍ତାନ୍ତର ପାଇଁ ପ୍ରକ୍ରିୟା ଜାରି ରହିଛି। ଖୁବ୍‌ଶୀଘ୍ର ରାସ୍ତା ନିର୍ମାଣ ହୋଇଯିବ।



ସିହୋପଡ଼ା-ବାମଣ୍ଡା ନିର୍ମାଣାଧୀନ ରାସ୍ତା ବର୍ଷାପାଣିରେ ବୁଡ଼ି ରହିଛି।



## ଚିକିତ୍ସାଳୟ ୪୮ ଘଣ୍ଟା ଶଟ୍‌ଡାଉନ

ନୟାଗଡ଼ ଅଫିସ/ରଣପୁର(ସ୍ୱ.ପ୍ର.): ନୟାଗଡ଼ ଜିଲା ରଣପୁର ବ୍ଲକ ଅଧୀନ ଚାନ୍ଦପୁରସ୍ଥିତ ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟକୁ ୪୮ଘଣ୍ଟା ଶଟ୍‌ଡାଉନ ଘୋଷଣା କରାଯାଇଛି। ୨୩ ତାରିଖ ସକାଳ ୮ଟାରୁ ୨୫ ତାରିଖ ସକାଳ ୮ଟା ପର୍ଯ୍ୟନ୍ତ ଏହା ଶଟ୍‌ଡାଉନ ରହିବବୋଲି ଚିକିତ୍ସାଧିକାରୀ ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### କେଲୁଅ ନଦୀରେ ଭାସିଯାଇ ବୃଦ୍ଧ ମୃତ

**ଚଣ୍ଡିଖୋଲ, ୨୩।୮ (ଡି.ଏନ୍.ଏ):** କେଲୁଅ ନଦୀରେ ଭାସିଯାଇ ବଡଚଣା ବ୍ଲକ ଅଧୀନ ସାଉଡ଼ିଆ ପଞ୍ଚାୟତ ବାଲିକୁଦା ଗ୍ରାମର କୁଳମଣି ପ୍ରଧାନ(୬୨)ଙ୍କ ରବିବାର ଭୋରରୁ ମୃତ୍ୟୁ ଘଟିଛି। ସେ ନଦୀକୁ ଶୌଚ ହେବାକୁ ଯାଇଥିବା ବେଳେ ସେଠାରେ ତାଙ୍କ ଗୋଡ଼ ଖସିଯାଇଥିଲା। ନଦୀର ପ୍ରଖର ସ୍ରୋତରେ ସେ ଭାସିଯାଇଥିଲେ। ସକାଳୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ତାଙ୍କର ପତ୍ତା ମିଳି ନ ଥିଲା। ନଦୀ ତୁଠରେ କୁଳମଣିଙ୍କ ଚପଲ ଓ ଟର୍ଚ୍ଚ ପଡିଥିବାରୁ ସେ ନଦୀରେ ବୁଡ଼ି ଯାଇଥିବା ସନ୍ଦେହ କରି ପରିବାର ଲୋକେ ଅଗ୍ନିଶମ ସେବା ସଂସ୍ଥାକୁ ଖବରଦେଇଥିଲେ। ଚଣ୍ଡିଖୋଲ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ସେଠାରେ ପହଞ୍ଚି ୨ଘଣ୍ଟା ଖୋଜାଖୋଜି କରିବା ପରେ ବେଙ୍ଗପୁର ନିକଟରୁ କୁଳମଣିଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

### ନାବାଳିକା ଅପହରଣ ନେଇ ଉତ୍ତେଜନା

**ଚଣ୍ଡିଖୋଲ, ୨୩।୮ (ଡି.ଏନ୍.ଏ.):** ବାଲିଚନ୍ଦ୍ରପୁର ଥାନା ଅଧୀନ କୋଲଣଗିରି ଗ୍ରାମର ଜଣେ ନାବାଳିକାଙ୍କୁ ସେହି ଗ୍ରାମର ଜଣେ ଯୁବକ ଅପହରଣ କରିନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ଏହାକୁ ନେଇ ରବିବାର ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରକାଶ ଯେ, ଗତ ୧୦ ତାରିଖରେ ସମ୍ପୃକ୍ତା ନାବାଳିକା ଦୁଇ ଭଉଣୀଙ୍କ ସହ କୃଷ୍ଣଦାସପୁର-ରତ୍ନଗିରି ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ସେହି ଗ୍ରାମର ଖଗେଶ୍ୱର ମଲିକ ଓ ତାଙ୍କର ଜଣେ ବନ୍ଧୁ ଏକ ମୋଟର ସାଇକେଲରେ ଆସି ସମ୍ପୃକ୍ତା ନାବାଳିକାଙ୍କୁ ଜବରଦସ୍ତି ଉଠାଇ ନେଇଥିଲେ। ବାଲିଚନ୍ଦ୍ରପୁର ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ।

### ବିଶିଷ୍ଟ ପାଲା ଗାୟକଙ୍କ ପରଲୋକ

**କୋରେଇ, ୨୩।୮ (ସ୍ୱ.ପ୍ର.):** ବିଶିଷ୍ଟ ପାଲା ଗାୟକ କୋରେଇ ବ୍ଲକ ଅଧୀନ ଅସନଝର ପଞ୍ଚାୟତ ରାମକୃଷ୍ଣପୁର ଗ୍ରାମର ହରିବଲ୍ଲଭ ଦଶଙ୍କର ରବିବାର ସନ୍ଧ୍ୟାରେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୭୦ ବର୍ଷ ହୋଇଥିଲା। ସେ ଛାତିରେ କଷ୍ଟ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ କଟକ ବଡ଼ ମେଡିକାଲକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ରଗଡିର ମା'କାମୁଡେ଼ଇ ପାଲା ଗାୟକ ସଂଘ ପକ୍ଷରୁ ଶୋକ ବ୍ୟକ୍ତ କରାଯାଇଛି।

### ନାଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବିଞ୍ଝାରପୁର, ୨୩।୮ (ଡି.ଏନ୍.ଏ.):** ବିଞ୍ଝାରପୁର ଥାନା ଅଧୀନ ଶାନ୍ତିପଡ଼ା ଗ୍ରାମର ପଦ୍ମଲାଭ ଦାସଙ୍କ ମାନସିକ ବିକାରଗ୍ରସ୍ତ ପୁଅ ପ୍ରଣବରଞ୍ଜନ(୩୦)ଙ୍କ ମୃତଦେହ ରବିବାର ଜୁଣେଇ ନାଳରୁ ଉଦ୍ଧାର କରାଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# ଧାନ, ମାଛ ଓ ପରିବା ଚାଷୀଙ୍କୁ ବିକ୍ରି ଚିନ୍ତା

**ଜଗତ୍‌ସିଂହପୁର ଅଫିସ,୨୩।୮**

ଜଗତ୍‌ସିଂହପୁର ଜିଲାର ଅଧିକାଂଶ ଚାଷୀ ମାଛ, ପନିପରିବା, ଧାନ, ମୁଗ, ବିରି ଆଦି ଚାଷ ଉପରେ ନିର୍ଭରଶୀଳ। ପ୍ରତି ବର୍ଷ ଜିଲାରେ ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ ବିକ୍ରି ସମସ୍ୟା ଚାଷୀର ମେରୁଦଣ୍ଡ ବଙ୍କା କରି ଦେଉଛି। ଏ ପରିସ୍ଥିତିରେ ସରକାର ମାଛ, ପନିପରିବା, ମୁଗ, ବିରି ଆଦି ବିକ୍ରି ପାଇଁ ସୁବନ୍ଦୋବସ୍ତ ନ କଲେ ଆଗାମୀ ଦିନରେ ଚାଷୀ ଓ ଚାଷ ଅଧିକ କ୍ଷତିଗ୍ରସ୍ତ ହେବ। ସମ୍ଭାବ୍ୟ ପରିସ୍ଥିତିକୁ ଏଡାଇବା ପାଇଁ ସରକାର ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଗୁଡିକୁ କିଣାବିକାରେ ସାମିଲ କରିବାକୁ ସାଧାରଣରେ ଦାବି ହେଉଛି। ଏହା ହେଲେ ଜିଲାରେ ୧୯୫୦୦ରୁ ଅଧିକ ଏସ୍‌ଏଚ୍‌ଜି ଉପକୃତ ହୋଇପାରିବେ। ଚାଷୀଙ୍କ ସମସ୍ୟା ମଧ୍ୟ ସମାଧାନ ହୋଇପାରିବ।

ଜିଲାରେ ମଧୁରଜଳ କ୍ଷେତ୍ରରୁ ବାର୍ଷିକ ପାଖାପାଖି ୧୬,୦୦୦ ମେଟ୍ରିକ୍ ଟନ୍ (ଏମ୍‌ଟି) ମାଛ ଉତ୍ପାଦନ ହେଉଛି। ଖାରିଆ ପାଣି (ଚିଙ୍ଗୁଡି ଚାଷ)ରୁ ୧୪,୦୦୦ ଓ ସାମୁଦ୍ରିକ କ୍ଷେତ୍ରରୁ ୨୫,୦୦୦ ଏମ୍‌ଟି ମାଛ ସଂଗ୍ରହ କରାଯାଉଛି। ଉତ୍ପାଦିତ ଚିଙ୍ଗୁଡି ମଧ୍ୟରୁ ପାଖାପାଖି ୯୦% ବାହାରକୁ ରପ୍ତାନି ହେଉଛି। ମାଛ ମଧ୍ୟରୁ କିଛି ଜିଲା ଭିତରେ ବିକ୍ରି ହୋଇଯାଉଛି। ଅଧିକାଂଶ କିନ୍ତୁ ଅନ୍ୟ ଜିଲା, ରାଜ୍ୟ, ଦେଶ ଓ ବିଦେଶକୁ ରପ୍ତାନି ହେଉଛି। ବିକ୍ରି ସମସ୍ୟା ଯୋଗୁ ଅନେକ ସମୟରେ କମ ଦାମରେ ମାଛ ଶୁଖୁଆ କରି ଦିଆଯାଉଛି। ଏସବୁକୁ ବିଚାରକୁ ନେଇ ଏସ୍‌ଏଚ୍‌ଜିଗୁଡିକୁ ବ୍ୟବସାୟରେ ସାମିଲ କରାଗଲେ ପ୍ରତ୍ୟେକେ ଉପକୃତ ହେବେ ବୋଲି ଅନେକ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ସେମାନଙ୍କ କହିବା କଥା ହେଲା ବିକ୍ରି ସମସ୍ୟାର ସମାଧାନ ପାଇଁ ଏକ ସମୟରେ ଚାଷ ନ କରି ୧୦ରୁ ୧୫ ଦିନ ଅନ୍ତରରେ ଚାଷ କରାଯିବା ଉଚିତ। ୫/୬ଟି ଏସ୍‌ଏଚ୍‌ଜିକୁ ମାଛ କ୍ରୟ ଦାୟିତ୍ୱ ଦିଆଯାଉ। ଏହି ଏସ୍‌ଏଚ୍‌ଜିଗୁଡିକ ବୈଷୟିକ ତାଲିମପ୍ରାପ୍ତ ଓ ଆଧୁନିକ ମତ୍ସ୍ୟ ପ୍ରକ୍ରିୟାକରଣ କରି ପାରୁଥିବା ଅନ୍ୟ ଏକ ଏସ୍‌ଏଚ୍‌ଜିରେ ମାଛ ବିକ୍ରି କରନ୍ତୁ। ଏହାଦ୍ୱାରା ମାଛଚାଷ ପ୍ରତି ମଧ୍ୟ ଲୋକଙ୍କ ଆକର୍ଷଣ ବଢ଼ିବ ବୋଲି ସେମାନେ କହିଛନ୍ତି। ଅନୁରୂପ ଭାବେ ଜିଲାରେ ୨୭୮୦ ହେକ୍ଟର ଜମିରେ ନଡିଆ ଚାଷ ହୋଇଛି। ଏଥିରୁ ବାର୍ଷିକ ୧୯୫ ଲକ୍ଷ ନଡ଼ିଆ ଉତ୍ପାଦନ ହେଉଛି। ୨୭୫ ହେକ୍ଟର ପାନ ଚାଷ ହେଉଥିବା ବେଳେ ୨୪,୨୧୪ ଲକ୍ଷ ପାନ ପତ୍ର ଉତ୍ପାଦନ ହେଉଛି। ଟମାଟୋ ୩୧୭୮ ହେକ୍ଟରରୁ ୪୩,୧୯୦ ଏମ୍‌ଟି ମିଳୁଛି। ବାଇଗଣ ୨୮୪୦ ହେକ୍ଟରରୁ ୪୨,୪୩୫ ଏମ୍‌ଟି ଉତ୍ପାଦନ ହେଉଛି। ସିଜନ୍‌ରେ ଏହି ପରିବାଗୁଡିକ ଶାଗମୁଗ ଦରରେ ବିକ୍ରି ହେଉଥିବାରୁ ଚାଷୀ ପ୍ରଭୂତ କ୍ଷତିର ସମ୍ମୁଖୀନ ହେଉଛି। ଉତ୍ପାଦିତ ପାନପତ୍ର ମେଶିନ ସାହାଯ୍ୟରେ ସେକା ସହ ବନାରଶୀ ଭଳି ମିଠା ପାନ ଚାଷ କରାଗଲେ ଅଧିକ ଲାଭ ମିଳିବ।

ଜିଲା କୃଷି ବିଭାଗ ସୂଚନା ଅନୁଯାୟୀ, ୨୦୧୯-୨୦ରେ ଜିଲାରେ ୮୬,୨୨୦ ହେକ୍ଟର ଜମିରେ ଧାନ ଚାଷ ହୋଇଥିବା ବେଳେ ୨,୮୨,୩୭୬ ଏମ୍‌ଟି ଧାନ ସଂଗ୍ରହ ହୋଇଛି। ସେହିପରି ୪୫,୨୫୮ ହେକ୍ଟର ଜମିରୁ ୧୫,୪୮୨ ଏମ୍‌ଟି ମୁଗ, ୧୪,୯୯୨ ହେକ୍ଟର ଜମିରୁ ୩୨୧୮ଏମ୍‌ଟି ବିରି, ୩୮୯୧ ହେକ୍ଟର ଜମିରୁ ୧୧,୮୧୪ ଏମ୍‌ଟି ଚିନାବାଦାମ ଉତ୍ପାଦନ ହୋଇଛି। ଏ ସମ୍ପର୍କରେ ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ମିହିର ସାମନ୍ତରାୟ, ଜିଲା ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ମହାପାତ୍ର ଓ ଜିଲା ମତ୍ସ୍ୟ ଅଧିକାରୀ ସୁବ୍ରତ ଦାଶ କହିଛନ୍ତି, ଏସଏଚ୍‌ଜିଗୁଡ଼ିକୁ କିଣାବିକାରେ ସାମିଲ କରାଗଲେ ଅଧିକ ଫଳପ୍ରଦ ହେବ ବୋଲି ଚିନ୍ତା କରାଯାଉଛି। ତେବେ ଆଗାମୀ ଦିନରେ ଏହା କାର୍ଯ୍ୟକାରୀ ହେବାକୁ ଯୋଜନା ରହିଛି।

**ଜଗତ୍‌ସିଂହପୁର ଜିଲା**
- କିଣାବିକାରେ ଏସ୍‌ଏଚ୍‌ଜିଙ୍କୁ ସାମିଲ ପାଇଁ ଦାବି
- ଆର୍ଥିକ ସ୍ଥିତିରେ ସୁଧାର ନେଇ ହେଉ ନୂଆ ଖସଡ଼ା

## ମାଛ ଧରିବାକୁ ବ୍ୟବହାର ହେଉଛି ସ୍ଲୁଇସ୍ ଗେଟ୍



ସ୍ଲୁଇସ୍ ଗେଟ୍ ଖୋଲି ଲୋକେ ମାଛ ଧରୁଛନ୍ତି।

**ନାଉଗାଁ,୨୩।୮(ସ୍ୱ.ପ୍ର.)**

**ଚିନ୍ତାରେ ଚାଷୀ**

ନାଉଗାଁ ବ୍ଲକ କୋରୁଅ ପଞ୍ଚାୟତ ଗାରୋଇସ୍ଥିତ ଦେବୀ ନଦୀ ଓ ଗୋବରୀ ନଦୀର ସଂଯୋଗସ୍ଥଳ ଗାରୋଇଠାରେ ଥିବା ସ୍ଲୁଇସ୍ ଗେଟ୍‌କୁ ଖୋଲି କେତେଜଣ ମାଛ ଧରୁଛନ୍ତି। ସ୍ଲୁଇସ ଗେଟର ରକ୍ଷଣାବେକ୍ଷଣ ଦାୟିତ୍ୱ ଜଳସମ୍ପଦ ବିଭାଗ ହାତରେ ରହିଛି। କିନ୍ତୁ ବିଭାଗୀୟ ଅଧିକାରୀ ଏହି ଗେଟକୁ ମାଛ ମାଫିଆଙ୍କ ହାତରେ ଟେକି ଦେଇଥିବାରୁ ଚାଷୀ ଏହାର ସୁଫଳ ପାଇ ପାରୁନାହାନ୍ତି ବୋଲି ଅଭିଯୋଗ ହୋଇଛି। ମାଫିଆ ମାଛ ଧରିବା ପାଇଁ ସ୍ଲୁଇସ୍ ଗେଟକୁ ବ୍ୟବହାର କରୁଛନ୍ତି। ଏହି ସ୍ଲୁଇସ ଗେଟ ଉପରେ ନାଉଗାଁ ବ୍ଲକର ୬ଟି ପଞ୍ଚାୟତର ଚାଷୀ ନିର୍ଭର କରୁଛନ୍ତି। ନିମ୍ନମାନର କାର୍ଯ୍ୟ ଯୋଗୁ ସ୍ଲୁଇସ ଗେଟ ଦୀର୍ଘ ବର୍ଷ ହେବ ଜଳ ସଂରକ୍ଷଣର କ୍ଷମତା ହରାଇଥିଲା। ଜୁଲାଇ ୨୦୧୯ରେ ବିଭାଗ ପକ୍ଷରୁ ଗେଟର ଥିବା ୫ଟି କବାଟକୁ ମରାମତି କରାଯାଇ କାର୍ଯ୍ୟକ୍ଷମ କରାଯାଇଥିଲା। ସ୍ଲୁଇସ ଗେଟର ଚାବି ବିଭାଗୀୟ କର୍ତ୍ତୃପକ୍ଷଙ୍କ ପାଖରେ ଥିବାବେଳେ ମାଫିଆ ଉକ୍ତ ଗେଟକୁ ବିଭିନ୍ନ ଉପାୟରେ ଖୋଲୁଛନ୍ତି। ଫଳରେ ୫ଟି ଗେଟ ମଧ୍ୟରୁ ୩ ଟିରେ ଜଳ ନିଷ୍କାସନ ହୋଇ ପାରୁନାହିଁ। ଫଳରେ ଚାଷ ଜମି ଜଳମଗ୍ନ ହେବାକୁ ବସିଲାଣି। ବର୍ତ୍ତମାନ ବର୍ଷା ଲାଗି ରହିଥିବାରୁ ତଳିଆ ଅଞ୍ଚଳରେ ଧାନ ରୁଆ ଆରମ୍ଭ କରାଯାଇଛି। ନଦୀରେ ଉଦବୃତ ବର୍ଷା ଜଳ ଆସିଥିବାରୁ ବାଉଁଶ ଯୋରୀ ଓ ଗୋବରୀ ନଦୀ ଦେଇ ଉକ୍ତ ଜଳ ଚାଷ ଜମିକୁ ପ୍ରବେଶ କରୁଛି। ହେଲେ ସ୍ଲୁଇସ ଗେଟ ଠିକରେ କାର୍ଯ୍ୟ କରୁ ନ ଥିବାରୁ ଜଳ ନିଷ୍କାସନ ହୋଇ ପାରୁ ନାହିଁ। ତେଣୁ ସ୍ଲୁଇସ ଗେଟକୁ ଠିକ ଭାବେ ପରିଚାଳନା କରିବା ପାଇଁ ଚାଷୀମାନେ ପ୍ରଶସାନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଅନିଲ ରାଉତ କହିଛନ୍ତି, ୩ଟି ଗେଟର ତଳ ଭାଗରେ ତ୍ରୁଟି ରହିଛି। ଉକ୍ତ ଭାଗଟି ପାଣିରେ ବୁଡି ରହିଥିବାରୁ ମରାମତି କରାଯାଇ ପାରୁନାହିଁ। ତଥାପି ଶୀଘ୍ର ବାକି ଗେଟ ଖୋଲା ଯିବାର ବ୍ୟବସ୍ଥା କରାଯିବ। ମାଛ ମାଫିଆଙ୍କ ସମ୍ପର୍କରେ ପଚାରିବାରୁ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ।

# ମୌଳିକ ଅଧିକାରରୁ ବଞ୍ଚିତ ଦିବ୍ୟାଙ୍ଗ ଶିଶୁ

**ରସୁଲପୁର, ୨୩।୮ (ଡି.ଏନ୍.ଏ.)**

ଦିବ୍ୟାଙ୍ଗଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ସକାଶେ ସରକାରୀସ୍ତରରେ ନାନା ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ଉକ୍ତ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ଓ ସ୍ୱେଚ୍ଛାସେବୀମାନଙ୍କ ଅବହେଳା ଯୋଗୁ ଅନେକ ଦିବ୍ୟାଙ୍ଗ ଯୋଜନାର ସୁଫଳ ପାଇପାରୁନାହାନ୍ତି। ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ସିଂହପୁର ପଞ୍ଚାୟତରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ଉକ୍ତ ପଞ୍ଚାୟତର ୬ନଂ. ୱାର୍ଡର ଅନୁପମା ପ୍ରଧାନଙ୍କ ୧୦ବର୍ଷ ପୁଅ ଆୟୁଷ୍ମାନ ଜନ୍ମରୁ ଦିବ୍ୟାଙ୍ଗ। ଚାଲିବାର କ୍ଷମତା ନ ଥିବାରୁ ଏ ପର୍ଯ୍ୟନ୍ତ ସେ ସ୍କୁଲ ମଧ୍ୟ ଯାଇନାହାନ୍ତି। ଉକ୍ତ ଅଞ୍ଚଳରେ କାର୍ଯ୍ୟରତ ସେଚ୍ଛାସେବୀ ଓ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ନିଯୁକ୍ତ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ଦୀର୍ଘ ୧୦ବର୍ଷ ପରେ ଚଳିତବର୍ଷ ତାଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିଛି। ଏ ନେଇ ମାସୁମ୍ ଗ୍ରୁପ୍‌ର ଅଧ୍ୟକ୍ଷ ମଣ୍ଟୁ ଦାସ କ୍ଷୋଭ ପ୍ରକାଶ କରିଛନ୍ତି। କିନ୍ତୁ ଏବେ ବି ତାଙ୍କୁ ଦିବ୍ୟାଙ୍ଗ ଭତ୍ତା ମିଳି ନ ଥିବା ବେଳେ ଟ୍ରାଇ ସାଇକେଲ କି ଶିକ୍ଷାଦାନ ସୁବିଧା କିମ୍ବା ବାଣିଶ୍ରୀ ଭଳି ସହାୟତା ମଧ୍ୟ ମିଳିନି ବୋଲି ଆୟୁଷ୍ମାନଙ୍କ ମା' ଅନୁପମା ପ୍ରକାଶ କରିଛନ୍ତି। ପରିବାର କହିଲେ ଅନୁପମା ଓ ତାଙ୍କର ଗୋଟିଏ ଝିଅ ଏବଂ ଗୋଟିଏ ପୁଅ। ।୮ ବର୍ଷ ତଳେ କୂଳକୁ ଖସିପଡ଼ି ସ୍ୱାମୀ ଉପେନ୍ଦ୍ର ପ୍ରଧାନଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇ ପିଲାଙ୍କ ଲାଳନ ପାଳନ ଓ ପରିବାର ଚଳାଇବା ଅନୁପମାଙ୍କ ପକ୍ଷରେ କଷ୍ଟକର ହୋଇପଡୁଛି।



ଆୟୁଷ୍ମାନ ପ୍ରଧାନ

ଦିବ୍ୟାଙ୍ଗ ପିଲାମାନଙ୍କୁ ଚିହ୍ନଟ କରିବା ସହ ଆବଶ୍ୟକ ସହାୟତା ପ୍ରଦାନ ପାଇଁ ବ୍ଲକରେ ଦିବ୍ୟାଙ୍ଗ ସମ୍ବଳ ଅଧିକାରୀ ଓ ତାଙ୍କ ଅଧୀନରେ ଆଇ ସ୍ୱେଚ୍ଛାସେବୀମାନେ କାମ କରୁଛନ୍ତି। କିନ୍ତୁ ସେମାନେ ଠିକ୍ ଭାବେ ଦାୟିତ୍ୱ ତୁଲାଉ ନ ଥିବାରୁ ଦିବ୍ୟାଙ୍ଗ ଶିଶୁଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଉଛି। ଦିବ୍ୟାଙ୍ଗ ଶିଶୁଙ୍କ ସମ୍ପର୍କରେ ସୂଚନା ପାଇବା ମାତ୍ରକେ ଆଇ ସ୍ୱେଚ୍ଛାସେବୀମାନେ ସେମାନଙ୍କୁ ବିଦ୍ୟାଳୟକୁ ନେବା ଆଣିବାର ବ୍ୟବସ୍ଥା କରିବା କଥା। ଅନ୍ୟପଟେ ପ୍ରତିବର୍ଷ ପଞ୍ଚାୟତ ବା ବ୍ଲକସ୍ତରରେ ଦିବ୍ୟାଙ୍ଗ ଚିହ୍ନଟ ଶିବିର ଆୟୋଜିତ ହେଉଥିବା ବେଳେ ଅଙ୍ଗନୱାଡି, ଆଶା କର୍ମୀ ଓ ସ୍ୱେଚ୍ଛାସେବୀମାନେ ଏହାର ପରିଚାଳନାରେ ସହଯୋଗ କରୁଛନ୍ତି। ହେଲେ ଏତେବର୍ଷ ପରେ ବି ଆୟୁଷ୍ମାନଙ୍କୁ ମୌଳିକ ସୁବିଧା ଯୋଗାଇ ଦିଆ ନ ଯିବା, ଦାୟିତ୍ୱରେ ଥିବା ଅଧିକାରୀଙ୍କ କାର୍ଯ୍ୟକାରିତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ବ୍ଲକ ଦିବ୍ୟାଙ୍ଗ ସମ୍ବଳ ଅଧିକାରୀ ରାମକୃଷ୍ଣ ମହାକୁଡ଼ଙ୍କୁ ପଚାରିବାରୁ ସେ ଏ ନେଇ ଅବଗତ ହେବାପରେ ଆୟୁଷ୍ମାନଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବା ଓ ନିକଟସ୍ଥ ଗୁରୁକୁଳ ବିଦ୍ୟାଳୟରେ ନାମ ଲେଖାଇବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏ ନେଇ ଆଇ ସ୍ୱେଚ୍ଛାସେବୀଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି କହିଛନ୍ତି।

## ସେତୁ ନିକଟରୁ ଗଳିତ ମୃତଦେହ ଉଦ୍ଧାର

**ପଟ୍ଟାମୁଣ୍ଡାଇ, ୨୩।୮(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଥାନା ଚଉଦକୁଲାଟ ଫାଣ୍ଡି ଅଧୀନ କୃଷ୍ଣଦାସପୁର ଗୋଳିଗଣ୍ଡ ପୋଲ ନିକଟରୁ ରବିବାର ଏକ ଗଳିତ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତ ଡେରାଡ଼ି ଗ୍ରାମର ପର୍ଶୁରାମ ସେଠୀଙ୍କ ପୁଅ ଚତୁର୍ଭୁଜ (୨୭)। ଖବରପାଇ ପର୍ଶୁରାମ ପୋଲ ନିକଟରେ ପହଞ୍ଚି ପୁଅର ମୃତଦେହ ଚିହ୍ନଟ କରିଛନ୍ତି। ଚତୁର୍ଭୁଜ ପିନ୍ଧିଥିବା ସୁନା ମୁଦି, ଚେନ ଓ ପକେଟରେ ଥିବା ଟଙ୍କା ନାହିଁ ବୋଲି ପର୍ଶୁରାମ ଅଭିଯୋଗ କରିଛନ୍ତି। ଏ ନେଇ ଚଉଦକୁଲାଟ ଫାଣ୍ଡିରେ ଅଭିଯୋଗ ହେବା ପରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଜଣଙ୍କୁ ଅଟକ ରଖିଛି।

## ପାଲା କଳାକାରଙ୍କୁ ମିଳୁନି 'ପିଠା' ପାରିଶ୍ରମିକ

**କୋରେଇ, ୨୩।୮ (ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣ ଯୋଜନା ଓ ସଫଳତାକୁ ଲୋକଲୋଚନକୁ ଆଣିବା ପାଇଁ ଆୟୋଜିତ 'ପିଠା' କାର୍ଯ୍ୟକ୍ରମରେ ପାଲା ପରିବେଷଣ ପାଇଁ କଳାକାରମାନଙ୍କୁ ସାମିଲ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୨୦୧୯ ଫେବୃୟାରୀରେ କୋରେଇ ବ୍ଲକର ବିଭିନ୍ନ ପଞ୍ଚାୟତରେ ଆୟୋଜିତ ୨୮ଟି ପିଠା କାର୍ଯ୍ୟକ୍ରମରେ ବ୍ଲକ ଅଞ୍ଚଳର ୬ଜଣ ଗାୟକ ସେମାନଙ୍କ ସହଯୋଗୀଙ୍କ ସହ ପାଲା ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ। ଏଥିପାଇଁ ଦିନକୁ ୨ହଜାର ଟଙ୍କା ଲେଖାଏଁ ଦେବାକୁ ଧାର୍ଯ୍ୟ କରାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ସମ୍ପୃକ୍ତ ୬ ଗାୟକ ଓ ସେମାନଙ୍କ ସହଯୋଗୀଙ୍କୁ ପାରିଶ୍ରମିକ ବାବଦ ୫୬ ହଜାର ଟଙ୍କା ମିଳିନାହିଁ। ଇତିମଧ୍ୟରେ ଦେଢ଼ବର୍ଷ ବିତି ଯାଇଥିବା ବେଳେ ପ୍ରଶାସନ ସେମାନଙ୍କ ପାରିଶ୍ରମିକ କଥା ସମ୍ପୂର୍ଣ୍ଣ ଭୁଲି ଯାଇଥିବା ପାଲା କଳାକାରମାନେ ଅଭିଯୋଗ କରିଛନ୍ତି। କରୋନା ପାଇଁ ପାଲା କଳାକାରମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଥିବା ବେଳେ ସେମାନଙ୍କ ପାରିଶ୍ରମିକ ବାବଦ ବକେୟା ଟଙ୍କା ମିଳିଗଲେ ବହୁ କାମରେ ଲାଗିପାରନ୍ତା। ଜିଲା ଓ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ମା'କାମୁଡେଇ ପାଲା ଗାୟକ ସଂଘ ସଭାପତି ନରେଶ କୁମାର ହୋତା ଦାବି କରିଛନ୍ତି।

# ଉଜୁଡ଼ିଗଲା ପରିବା, ଧାନ ଫସଲ

**ରାହାମା,୨୩।୮(ଡି.ଏନ.ଏ.)**

ପାଇକା ନଦୀରେ ଆସିଥିବା ବନ୍ୟାଜଳ ଓ ଲଘୁଚାପ ଜନିତ ବର୍ଷା ଯୋଗୁ କୁଜଙ୍ଗ ବ୍ଲକ୍‌ର ଧୋଇଆ ଅଞ୍ଚଳରେ ଧାନ ଓ ପରିବା ଫସଲ ଉଜୁଡ଼ିଯାଇଛି। ଅଞ୍ଚଳର ପ୍ରାୟ ୨୦୦ ହେକ୍ଟର ଜିମିରେ ହୋଇଥିବା ଧାନ, ବାଇଗଣ, କଖାରୁ, ଭେଣ୍ଡି, ପୋଟଳ ଆଦି ଫସଲ ବୁଡ଼ି ରହିଛି। ବିଶେଷକରି ବ୍ଲକ୍‌ର କାଠକୋଟ, ହଂସୁରା, ବଡ଼ବାଲିକଣୀ, ତିର୍ତ୍ତୋଲର ପୋରଗଦେଇ ଆଦି ଅଞ୍ଚଳର ଚାଷୀଙ୍କ ପରିବା ଓ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। ତେଣୁ ତୁରନ୍ତ ଅନୁଧ୍ୟାନ କରି ସହାୟତା ଦେବା ପାଇଁ କାଠକୋଟ ସରପଞ୍ଚ ମିହିର ରଞ୍ଜନ ପଟ୍ଟନାୟକ, ସାମାଜିକକର୍ମୀ ଶ୍ରୀକାନ୍ତ ଦାସ, ହଂସୁରା ସରପଞ୍ଚ ସ୍ମୃତିରେଖା ସ୍ୱାଇଁ, ବଡ଼ବାଲିକଣୀର ଜ୍ଞାନରଞ୍ଜନ ଚୌଧୁରୀ ପ୍ରମୁଖ କୁଜଙ୍ଗ ବିଡିଓ ଓ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।



ପାଇକା ନଦୀରେ ବନ୍ୟା ଓ ବର୍ଷା ଯୋଗୁ ଧାନ ବିଲ ବୁଡ଼ିଯାଇଛି।

## ବାର୍‌ହା ଉପଦ୍ରବରେ ଫସଲ ନଷ୍ଟ

**ଖଣ୍ଡପଡ଼ା, ୨୩।୮ (ସ୍ୱ.ପ୍ର.)**

ଖଣ୍ଡପଡ଼ା ଓ ଭାପୁର ବ୍ଲକ ଅଞ୍ଚଳରେ ବାର୍‌ହା ଉପଦ୍ରବ ଯୋଗୁ ଧାନ, ଆଖୁ ଓ ପରିବା ଫସଲ ନଷ୍ଟ ହେବାରେ ଲାଗିଛି। ଏହାକୁ ନେଇ ଚାଷୀ ଚିନ୍ତାରେ ଅଛନ୍ତି। ଖଣ୍ଡପଡା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସୂଚନା ମୁତାବକ, ଜଙ୍ଗଲରେ ଖାଦ୍ୟ ଅଭାବ ଯୋଗୁ ବାର୍‌ହା ପଲ ଜନବସତିକୁ ଆସି ଫସଲ ନଷ୍ଟ କରୁଛନ୍ତି। ଏଥିଯୋଗୁ ଖଣ୍ଡପଡ଼ା ବ୍ଲକର ସିଂଘାପଡା, କିଆଝର, ଗଡିଆସାହି, କୋସକା, କୁମ୍ଭାରପଡା, ବଳଭଦ୍ରପ୍ରସାଦ, ବେଣାଗାଡିଆ ଏବଂ ଭାପୁର ବ୍ଲକର ଧାନଚେଙ୍ଗଡା, ପଥରଚକଡା, କେନ୍ଦୁପଲ୍ଲୀ ପଞ୍ଚାୟତର ଚାଷୀକୁଳ ଚିନ୍ତିତ ହୋଇପଡିଛନ୍ତି। ତେଣୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି।

## ୪୩ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ

**କେନ୍ଦ୍ରାପଡ଼ା ଅଫିସ, ୨୩।୮**

କେନ୍ଦ୍ରାପଡ଼ା ଜିଲାରେ ୪୩ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ରବିବାର ସୂଚନା ଦିଆଯାଇଛି । ନୂତନ ଆକ୍ରାନ୍ତଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ୯ ଜଣ ରହିଛନ୍ତି । ସ୍ଥାନୀୟ ସଂକ୍ରମଣ ଯୋଗୁ ୨୪ ଜଣ ଆକ୍ରାନ୍ତ ହୋଇଛନ୍ତି । ଜିଲାପାଳ ସମର୍ଥ ବର୍ମାଙ୍କ ସୂଚନା ଅନୁସାରେ, କେନ୍ଦ୍ରାପଡା ମ୍ୟୁନିସିପାଲିଟି ଅଞ୍ଚଳରୁ ୧୪, ଆଳିରୁ ୭, ମାର୍ଶାଘାଇରୁ ୫, ଡେରାବିଶରୁ ୪ ଜଣଙ୍କ ସମେତ ରାଜକନିକା, କେନ୍ଦ୍ରାପଡା, ମହାକାଳପଡା, ଗରଦପୁର ବ୍ଲକ ଅଞ୍ଚଳରୁ ୩ ଜଣ ଲେଖାଏ ଆକ୍ରାନ୍ତ ହୋଇଛନ୍ତି। ରାଜନଗର ବ୍ଲକରୁ ଜଣେ ଚିହ୍ନଟ ହୋଇଛନ୍ତି। ଅଦ୍ୟାବଧି ଜିଲାରେ ୧୧୫୬ ଜଣ ଆକ୍ରାନ୍ତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୭୫୬ ଜଣ ସୁସ୍ଥ ହୋଇଥିବା ବେଳେ ୩୯୬ ଜଣ ଚିକିତ୍ସାଧୀନ ରହିଛନ୍ତି।

# ହାଟ ପିଣ୍ଡି ଛାତରୁ ଖସୁଛି ସିମେଣ୍ଟ ଖଣ୍ଡ

**ବିପଦରେ ଚାଷୀ, ବ୍ୟବସାୟୀ ଓ ଗ୍ରାହକ**

**ରାହାମା,୨୩।୮(ଡି.ଏନ.ଏ.)**

ରାହାମା ହାଟ ଏବେ ଚାଷୀ ଓ ବ୍ୟବସାୟୀଙ୍କ ପାଇଁ ବଡ଼ ବିପଦ ଆଣି ଦେଇଛି। କାରଣ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ କରାଯାଇଥିବା ପିଣ୍ଡି ଛାତରୁ ଏବେ ସିମେଣ୍ଟ ଖସି ରଡ୍ ଦିଶିଲାଣି। ତେଣୁ କେତେବେଳେ ଯେ, ଏହା ଭୁଶୁଡ଼ିପଡ଼ିବ ତାହା କହିହେବ ନାହିଁ। ପିଣ୍ଡି ଛାତରେ ଅନାବନା ଗଛ ଉଠି ଛାତକୁ ଦୁର୍ବଳ କରୁଛି। ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଏସବୁ ନିର୍ମାଣ କରାଯାଇଥିଲେ ମଧ୍ୟ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଏହା ଚାଷୀ, ବ୍ୟବସାୟୀ ଓ ଗ୍ରାହକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ସେହିପରି ଏଠାରେ ଥିବା ନିୟନ୍ତ୍ରିତ ବଜାର କମିଟି ପରିବେଶ ପ୍ରତି ଆଦୌ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ହାଟରେ ବ୍ୟବସାୟୀମାନେ ଛାଡିଯାଉଥିବା ପଚଶଢ଼ା ପରିବା ଓ ମାଛ ବଜାରରେ ମାଛକାତି ସହିତ ଅନ୍ୟ ବର୍ଜ୍ୟବସ୍ତୁ ପଡି ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଏହି ସମସ୍ୟାକୁ ନେଇ ଚାଷୀ ଅଶୋକ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ, କ୍ଷୀରୋଦ ଦାସ, ନୃସିଂହ ପ୍ରଧାନ, ବଟକୃଷ୍ଣ ସ୍ୱାଇଁ ଓ ଶିଶିର ସେନାପତି ପ୍ରମୁଖ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଡ. ଶାଶ୍ୱତ ଦାସ କହିଛନ୍ତି, ଏସବୁର ମରାମତି ପାଇଁ ଚଳିତ ବର୍ଷ କୌଣସି ପ୍ରକାର ପାଣ୍ଠି ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ ନାହିଁ। ତଥାପି ଯାହା ସମ୍ଭବ ତାହା କରାଯିବ ବୋଲି ପ୍ରକାଶ କରିଛନ୍ତି। ଏବେ ଦେଖିବାକୁ ଅପେକ୍ଷା କେବେ ଏହାର ମରାମତି କରାଯାଉଛି।



ରାହାମା ହାଟ ପିଣ୍ଡି ଛାତର ରଡ୍ ଦେଖାଯାଉଛି।

# ମରାମତି ହେଉନି ଦୁର୍ବଳ ନଦୀବନ୍ଧ

**ବରୀ, ୨୩।୮ (ଡି.ଏନ୍.ଏ.)**

**ବନ୍ୟା ଭୟରେ ତଳିଆ ଅଞ୍ଚଳବାସୀ**

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବରୀ ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ନଦୀରେ ଜଳସ୍ତର ବୃଦ୍ଧି ପାଉଥିବା ବେଳେ ବନ୍ୟା ଆଶଙ୍କା ବଢ଼ିବାରେ ଲାଗିଛି। ଗତ ୨୩ ତାରିଖରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହୋଇଥିବାରୁ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଯାଜପୁର ଜିଲାରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ତେବେ ବରୀ ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ବିଭିନ୍ନ ନଦୀ ବନ୍ଧଗୁଡ଼ିକର ଦୁର୍ବଳ ଅବସ୍ଥା ଯୋଗୁ ତଳିଆ ଅଞ୍ଚଳବାସୀଙ୍କ ନିଦ ହଜିଯାଇଛି।

ବ୍ରାହ୍ମଣୀ ନଦୀବନ୍ଧ ଦକ୍ଷୀଣ ପାର୍ଶ୍ୱର କୁଶବଟଠାରୁ ମାଟିଆପଡ଼ା ପର୍ଯ୍ୟନ୍ତ ଓ ଅଣିକଣାଠାରୁ କୃଷ୍ଣନଗର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ବିଗତ ବର୍ଷଗୁଡ଼ିକରେ ବ୍ରାହ୍ମଣୀରେ ବନ୍ୟା ଅସିଲେ ଉକ୍ତ ସ୍ଥାନଗୁଡ଼ିକରେ ଘାଇ ସୃଷ୍ଟି ହେଉଥିବାରୁ ଆଖପାଖ ଅଞ୍ଚଳବାସୀ ଆଶଙ୍କାରେ ଦିନ କାଟୁଛନ୍ତି। ନଦୀବନ୍ଧଗୁଡ଼ିକ ଦୁର୍ବଳ ରହିଥିଲେ ବି ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାବ୍ୟତୀତ ଖରସ୍ରୋତାର ଶାଖା ଦୁଧେଇ ନଦୀର ଜଳପତ୍ତନ ବୃଦ୍ଧି ପାଉଥିବା ବେଳେ ନଦୀବନ୍ଧ ଦୀର୍ଘବର୍ଷ ଧରି ମରାମତି କରାଯାଇନି। ଫଳରେ କଳାମାଟିଆ, ଅନ୍ୟାସିପୁର, ବାଲିବିଲ, ଅରଙ୍ଗାବାଦ, ଅଙ୍ଗାଳୋ, ବୋଦୁଅ ଓ ଭଅଁରା ପଞ୍ଚାୟତର ବହୁ ରାଜସ୍ୱ ଗ୍ରାମଗୁଡ଼ିକ ବନ୍ୟା ଭୟରେ ରହିଛନ୍ତି। ଦୁଧେଇ ନଦୀର ଦକ୍ଷିଣପାର୍ଶ୍ୱ ନଦୀବନ୍ଧଗୁଡ଼ିକ ଦୀର୍ଘଦିନ ଧରି ମରାମତି ହୋଇ ନ ଥିବା ବେଳେ ଲଘୁଚାପଜନିତ ବର୍ଷା ଯୋଗୁ କେତେକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଆଖିଆଗରେ ରଖି ବରୀ ବିଧାୟିକା ସୁନନ୍ଦା ଦାସ, ଅତିରିକ୍ତ ତହସିଲଦାର ଭାନୁମତୀ ମାଝି ଓ କୃଷି ବିଭାଗ କର୍ମଚାରୀମାନେ ଅନ୍ୟାସୀପୁର, ବାଲିବିଲ, ଅରଙ୍ଗାବାଦ, କଳାମାଟିଆ ପ୍ରଭୃତି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିଦର୍ଶନ କରି ଫେରିଛନ୍ତି। ନଦୀରେ ବନ୍ୟା ଜଳ ବୃଦ୍ଧି ପାଉଥିବା ବେଳେ ଲୋକମାନଙ୍କର ଯେପରି କୌଣସି ଅସୁବିଧା ନ ହୁଏ ସେ ନେଇ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ ବୋଲି ବିଧାୟିକା ଦାସ କହିଛନ୍ତି।



ବିଧାୟିକା ସୁନନ୍ଦା ଦାସ ଓ ପ୍ରଶାସନିକ ଅଧିକାରୀମାନେ ବ୍ରାହ୍ମଣୀ ନଦୀ ବନ୍ଧ ଦୁର୍ବଳ ସ୍ଥାନ ବୁଲି ଦେଖୁଛନ୍ତି।

